# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**7 September – 2024**

---

# ପିଏମ୍ ଆବାସ ଯୋଜନା

ସହରରେ ବାସ କରୁଥିବା ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ୫ଲକ୍ଷ ବାସଗୃହ ନିର୍ମାଣର ଯୋଜନା କରାଯାଇଛି ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ବିଧାନସଭାରେ ଗତକାଲି ବିଭାଗର ଖର୍ଚ୍ଚଦାବି ଆଲୋଚନା ସମୟରେ ମନ୍ତ୍ରୀ କହିଛନ୍ତି ରାଜ୍ୟର ପ୍ରତ୍ୟେକ ସହରକୁ ବିକଶିତ ସହରରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି । କଟକ ଓ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ କରିବାପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି । ପରିବହନର ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୁଳିଆ ସହ ମେଟ୍ରୋ ରେଳ ସଂଯୋଗୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ସେହିଭଳି ସଡ଼କପଥରେ ଯାତ୍ରାକୁ ସୁଗମ କରିବା ପାଇଁ ପିଏମ୍-ଇବସ୍ ଯୋଜନାରେ ୪୦୦ଟି ଇ-ବସ୍ ଯୋଗାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ ୯ହଜାର ୬୧୨କୋଟି ୯ଲକ୍ଷ ୫ହଜାର ଟଙ୍କାର ଖର୍ଚ୍ଚ ଦାବି ଉପସ୍ଥାପନ କରିଥିଲେ ।

# ଆଇଟି କମ୍ପାନୀ ସଞ୍ଚାଳନ କେନ୍ଦ୍ର ଉଦ୍‌ଘାଟିତ

ଦେଶର ୪ଟି ଅଗ୍ରଣୀ ଆଇଟି କମ୍ପାନୀର ନୂଆ ସଞ୍ଚାଳନ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଛନ୍ତି। ଓଡ଼ିଶାରେ ପ୍ରମୁଖ ଆଇଟି କମ୍ପାନୀଗୁଡିକର ଉପସ୍ଥିତି ଏକ ବ୍ୟବସାୟିକ ଅନୁକୂଳ ପରିବେଶ ପ୍ରଦାନ ଦିଗରେ ଆମ ରାଜ୍ୟର ପ୍ରତିବଦ୍ଧତାର ପ୍ରମାଣ ଅଟେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧ ଦଶମିକ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ସ୍ଥିର କରାଯାଇଛି ।

# ମୁଖ୍ୟମନ୍ତ୍ରୀ- ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦେଶର ପ୍ରଥମ ସିଲିକନ କାର୍ବାଇଟ୍ ଉତ୍ପାଦନ ଶିଳ୍ପ ପାଇଁ ଭୁବନେଶ୍ୱରର ଇନ୍‌ଫୋଭ୍ୟାଲିସ୍ଥିତ ଇଏମ୍‌ସି ପାର୍କରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଏହି ଶିଳ୍ପ ପ୍ରତିଷ୍ଠା ରାଜ୍ୟକୁ ଏକ ପ୍ରମୁଖ ସେମି କଣ୍ଡକ୍ଟର କେନ୍ଦ୍ରରେ ପରିଣତ କରିବା ପାଇଁ ସହାୟକ ହେବ । ଏହା କେବଳ ଅତ୍ୟାଧୁନିକ ଉତ୍ପାଦ ସୃଷ୍ଟି କରିବ ନାହିଁ ବରଂ ପ୍ରତିଭାବାନ ଯୁବକଯୁବତୀଙ୍କ ପାଇଁ ମଧ୍ୟ ରୋଜଗାର ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ସିଏମ୍-ସୁଭଦ୍ରା ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ସକାଳେ ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗଠାରେ ସୁଭଦ୍ରା ସଚେତନତା ଭ୍ୟାନ୍‌ର ଶୁଭାରମ୍ଭ କରିବେ । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମଧ୍ୟ ଉପସ୍ଥିତ ରହିବେ ।

## କେନ୍ଦ୍ର ମନ୍ତ୍ରୀ ଅନୁପ୍ରିୟା ପଟେଲ

ଦକ୍ଷ ମାନବସମ୍ବଳ ଏବଂ ଉପଯୋଗୀ ଉପକୂଳ ଅବସ୍ଥିତି ସହ ଓଡ଼ିଶା ରସାୟନ ଏବଂ ପେଟ୍ରୋ କେମିକାଲର ପ୍ରମୁଖ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି । ଏହା ଉତ୍ପାଦନ, ନିଯୁକ୍ତି ଏବଂ ରପ୍ତାନୀ ପାଇଁ ବିପୁଳ ସୁଯୋଗ ପ୍ରଦାନ କରିବ ବୋଲି କେନ୍ଦ୍ର ରସାୟନ ଓ ସାର ରାଷ୍ଟ୍ର ମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି । ଭୁବନେଶ୍ୱରରେ ଇଣ୍ଡିଆ କେମ୍ ୨୦୨୪ ଶିଳ୍ପ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଏହା କହିଛନ୍ତି । କେନ୍ଦ୍ର ରସାୟନ ଓ ପେଟ୍ରୋକେମିକାଲ ବିଭାଗ ପକ୍ଷରୁ ଫିକିର ମିଳିତ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଶିଳ୍ପନୀତି ସମ୍ପର୍କରେ ଆଲୋଚନା ହୋଇଥିଲା ।

## ଅଗ୍ନି-୪ ସଫଳ ଉତ୍କ୍ଷେପଣ

ଭାରତୀୟ ପ୍ରତିରକ୍ଷା ବିଭାଗ ପକ୍ଷରୁ ବାଲେଶ୍ୱର ଅବଦୁଲ କଲାମ ଦ୍ୱୀପର ଏଲ୍‌ସି-୪ ଉତ୍କ୍ଷେପଣ କେନ୍ଦ୍ରରୁ ଅଗ୍ନି-୪ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ଡିଆରଡିଓ ପକ୍ଷରୁ ବିକଶିତ ଅଗ୍ନି-୪ ଏକ ମଧ୍ୟମ

ଦୂରଗାମୀ ବାଲାଷ୍ଟିକ ମିଶାଇଲ । ଏହାର ୪ହଜାର କିଲୋମିଟର ଦୂରତାରେ ଥିବା ଲକ୍ଷ୍ୟକୁ ଧ୍ୱଂ କରିବାର କ୍ଷମତା ରହିଛି । ଏହି ମିଶାଇଲର ଓଜନ ୧୭ହଜାର କିଲୋଗ୍ରାମ ହୋଇଥିବାବେଳେ ଲମ୍ବ ୬୬ଫୁଟ ରହିଛି ।

# ବ୍ୟାଙ୍କର୍ସ କମିଟି ବୈଠକ

ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ ଡିଜିଟାଲ ସାକ୍ଷରତା ଓ ଡିଜିଟାଲ ମୁଦ୍ରାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ଏଥିରେ ଆର୍ଥିକ ଅର୍ନ୍ତଭୁକ୍ତିକରଣ, ଆର୍ଥିକ ସାକ୍ଷରତା ଓ ଡିଜିଟାଲ ପେମେଣ୍ଟ ସମ୍ପର୍କିତ ଆଲୋଚନା ହୋଇଥିଲା ।

# ରାଜସ୍ୱ କମିଶନରଙ୍କ ବରଗଡ ଗସ୍ତ

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଦିନିକିଆ ବରଗଡ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଗସ୍ତକାଳରେ ଶ୍ରୀ ଯାଦବ ପ୍ରଥମେ ରେଶମ ମାର୍କେଟ ସ୍ଥିତ ଅଡିଟୋରିୟମ ନିର୍ମାଣ କାର୍ଯ୍ୟର ସମୀକ୍ଷା ସହ ମିଶନ ଶକ୍ତି କେଫେ ପରିଦର୍ଶନ କରିଥିଲେ । ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଏବଂ ସୁଭଦ୍ରା ଯୋଜନା ବିଷୟରେ ଲୋକଙ୍କୁ ଅଧିକ ସଚେତନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

# ଭିସୁଟ୍‌ରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍

ସମ୍ବଲପୁର ବୁର୍ଲା ଭିସୁଟରରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ -୨୦୨୪ ଉଦ୍‌ଯାପିତ ହୋଇଛି । ଭିସୁଟର ରୋବୋଟିକ୍ସ ସୋସାଇଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୯୦ଟି ଦଳ ଅଂଶଗ୍ରହଣ କରି ବାସ୍ତବ ଦୁନିଆର ବିଭିନ୍ନ ସମସ୍ୟାର ସୃଜନଶୀଳ ସମାଧାନର ଉପାୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ସମୟୋପଯୋଗୀ ସମାଧାନ ସୃଷ୍ଟି କରିବାକୁ ପ୍ରୋତ୍ସାହିତ କରାଯାଇଥିଲା ।

# ଆତ୍ମ ସୁରକ୍ଷା ତାଲିମ ଉଦ୍‌ଯାପିତ

ଗଞ୍ଜାମ ଜିଲ୍ଲାର ବୁଗୁଡା ପିପୁଲସ କଲେଜର ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀମାନଙ୍କ ପାଇଁ ଆୟୋଜିତ ୨୦ ଦିନିଆ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଏହି ଅବସରରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

# ଗଣେଶ ପୂଜା

ପ୍ରବଳ ଉତ୍ସାହ ଓ ଉଦ୍ଦିପନା ମଧରେ ସମଗ୍ର ରାଜ୍ୟରେ ଆଜି ଗଣେଶ ଚତୁର୍ଥୀ ପୂଜା ଅନୁଷ୍ଠିତ ହେଉଛି । ଶ୍ରୀକ୍ଷେତ୍ର ପୁରୀରେ ମଧ ବିଘ୍ନନାଶକ ଶ୍ରୀଗଣେଶଙ୍କ ପୂଜା ହେଉଛି । ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ପ୍ରତ୍ୟୁଷରୁ ଶ୍ରୀମନ୍ଦିରକୁ

ଯାଇ ବଟ ଗଣେଷଙ୍କ ପୂଜାର୍ଚ୍ଚନା କରୁଛନ୍ତି । ସହରର ବିଭିନ୍ନ ସ୍ଥାନରେ ଗଣେଶ ମୂର୍ତ୍ତି ସହ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି । ସେହିପରି ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ସହର ଓ ଗ୍ରାମାଞ୍ଚଳରେ ମଧ ଗଣେଶ ପୂଜା ଅନୁଷ୍ଠିତ ହେଉଥିବା ସୂଚନା ମିଳିଛି ।

## ଆଜି ୮ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

ଗଞ୍ଜାମ, ଗଜପତି, ରାୟଗଡ଼ା, ପୁରୀ, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ ଆଜି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗୋଟିଏରୁ ଦୁଇଟି ସ୍ଥାନରେ ୭ରୁ ୧୧ ସେଣ୍ଟିମିଟର ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କତା ଜାରି କରାଯାଇଛି ।